# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 05th February – 2026

************************************

## ମୁଖ୍ୟ ସମ୍ବାଦ

- ଓଡ଼ିଶା ଗସ୍ତର ଚତୁର୍ଥ ଦିନରେ ଆଜି ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଲେ ରାଷ୍ଟ୍ରପତି ।

— ଆସନ୍ତାକାଲି ଭୁବନେଶ୍ୱରରେ ଆୟୋଜିତ ବ୍ଲାକ୍ ସ୍ୱାନ୍ ସମ୍ମିଳନୀରେ ଯୋଗଦେବେ ।

- ସ୍ୱପ୍ନ, ସଙ୍କଳ୍ପ ଓ କ୍ଷମତାରେ ପୂର୍ଣ୍ଣ ଯୁବପିଢ଼ି ଦେଶର ସର୍ବୋଚ୍ଚ ଶକ୍ତି; ରାଷ୍ଟ୍ରପତିଙ୍କ ଅଭିଭାଷଣ ଧନ୍ୟବାଦ ପ୍ରସ୍ତାବ  ଉପରେ ରାଜ୍ୟସଭାରେ କହିଲେ ପ୍ରଧାନମନ୍ତ୍ରୀ ।

- ପରୀକ୍ଷା ପେ ଚର୍ଚ୍ଚା ଆଲୋଚନାରେ ଆସନ୍ତାକାଲି ଛାତ୍ରଛାତ୍ରୀଙ୍କ ସହ ଭାବ ବିନିମୟ କରିବେ ପ୍ରଧାନମନ୍ତ୍ରୀ ।

ଏବଂ

- ରାଜସ୍ୱ ସେବା ବ୍ୟବସ୍ଥା ଅଧିକ ସ୍ୱଚ୍ଛ, ସହଜ ଓ ପ୍ରଯୁକ୍ତିବିଦ୍ୟା ଆଧାରିତ କରିବାପାଇଁ ସରକାର ଆଣିଲେ ବ୍ୟାପକ ସଂସ୍କାର ।

*Kalyan Sinha*

# ରାଷ୍ଟ୍ରପତି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଓଡ଼ିଶା ଗସ୍ତର ଆଜି ଚତୁର୍ଥ ଦିନରେ ମୟୂରଭଞ୍ଜ ଜିଲ୍ଲା ଗସ୍ତକରି ପାହାଡ଼ପୁର ଗ୍ରାମରେ ସ୍ୱର୍ଗତ ଶ୍ୟାମଚରଣ ମୁର୍ମୁ, ଲକ୍ଷ୍ମଣ ମୁର୍ମୁ ଓ ସିପୁନ୍ ମୁର୍ମୁଙ୍କ ସମାଧିସ୍ଥଳରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ପରେ ଗୋଷାଣୀ ସ୍ଥଳର ଜାହିରାପୀଠକୁ ଯାଇ ପୂଜାର୍ଚ୍ଚନା କରିଥିଲେ । ଏହି ଅବସରରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଏଲ୍. ଆଣ୍ଡ୍ ଟି. ଦକ୍ଷତା ବିକାଶ କେନ୍ଦ୍ରକୁ ଗସ୍ତକରି ପ୍ରଶିକ୍ଷାର୍ଥୀଙ୍କ ସହ ଭାବ ବିନିମୟ କରିଥିଲେ । କେନ୍ଦ୍ରରେ ପ୍ରଶିକ୍ଷଣ ନେଉଥିବା ଯୁବକ ଯୁବତୀଙ୍କୁ ଉଦ୍ୟୋଗୀ ହେବାପାଇଁ ରାଷ୍ଟ୍ରପତି ପରାମର୍ଶ ଦେଇଥିଲେ । ଛାତ୍ରଛାତ୍ରୀଙ୍କୁ ଚାକିରି ଖୋଜିବା ପରିବର୍ତ୍ତେ ନିଯୁକ୍ତିଦାତା ହୋଇପାରିଲେ ଆତ୍ମନିର୍ଭର ଓ ବିକଶିତ ଭାରତର ସ୍ୱପ୍ନ ପୂରଣ ହୋଇପାରିବ ବୋଲି ରାଷ୍ଟ୍ରପତି କହିଥିଲେ । ପରେ ରାଇରଙ୍ଗପୁର ଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ସହ ସାଧାରଣ ଜନତାଙ୍କ ସହ ଆଲୋଚନା କରିଥିଲେ । ରାଷ୍ଟ୍ରପତି ଆଜି ଶିମିଳିପାଳସ୍ଥିତ ଗୁଡ୍ଡୁଗୁଡ଼ିଆ ଡାକବଙ୍ଗଳାରେ ରାତ୍ରିଯାପନ କରିବେ ।

*Desk*

# ବ୍ଲାକ୍ ସ୍ୱାନ୍ ସମ୍ମିଟ୍

ଭାରତ ନେତ୍ର ପଦକ୍ଷେପ ଅଧୀନରେ ଭୁବନେଶ୍ୱରଠାରେ ଆଜିଠାରୁ ଆରମ୍ଭ ହୋଇଥିବା ଦୁଇଦିନିଆ ବ୍ଲାକ୍ ସ୍ୱାନ୍ ସମ୍ମିଟ୍‌କୁ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଉଦ୍‌ଘାଟନ କରିଛନ୍ତି । କୃତ୍ରିମ ବୁଦ୍ଧିମତ୍ତା, ଫିନ୍‌ଟେକ୍, ଇନ୍‌ସିଓର୍ ଟେକ୍ କ୍ଷେତ୍ରରେ ଓଡ଼ିଶାକୁ ଏକ କେନ୍ଦ୍ରଭାବେ ସ୍ଥାନିତ କରିବାକୁ ଏହି ସମ୍ମିଳନୀ ମଞ୍ଚ ପ୍ରଦାନ କରିବ । ରାଜ୍ୟରେ ଥିବା ବିଭିନ୍ନ କ୍ଷେତ୍ରରେ ସମ୍ଭାବନା, ପୁଞ୍ଜି ବିନିଯୋଗରେ ରାଜ୍ୟର ଅଗ୍ରଗତି ଓ ଆଗାମୀ ଯୋଜନା ସମ୍ପର୍କରେ ଶ୍ରୀମତୀ ଗର୍ଗ ଆଲୋଚନା କରିଥିଲେ । ଆସନ୍ତାକାଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ମିଳନୀରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଏଥିରେ ୨୪ଟି ଦେଶର ୧ ହଜାର ୭ ଶହରୁ ଊର୍ଦ୍ଧ୍ୱ ପ୍ରତିନିଧି ଯୋଗ ଦେଇଛନ୍ତି ।

*Desk*

# ପ୍ରଧାନମନ୍ତ୍ରୀ

ଦେଶର ଯୁବପିଢ଼ିଙ୍କ ପ୍ରତିଭାକୁ ବିଶ୍ୱ ପ୍ରଶଂସା କରୁଛି । ସ୍ୱପ୍ନ, ସଙ୍କଳ୍ପ ଓ କ୍ଷମତାରେ ପୂର୍ଣ୍ଣ ଯୁବପିଢ଼ି ଦେଶର ସର୍ବୋଚ୍ଚ ଶକ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି । ରାଜ୍ୟସଭାରେ ରାଷ୍ଟ୍ରପତିଙ୍କ ଅଭିଭାଷଣର

ଧନ୍ୟବାଦ ପ୍ରସ୍ତାବ ଉପରେ ମତ ରଖି ପ୍ରଧାନମନ୍ତ୍ରୀ କହିଛନ୍ତି, ବିକଶିତ ଭାରତ ଗଠନ ଦିଗରେ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି । ଏହା ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସମାଜର ପ୍ରତ୍ୟେକ ବର୍ଗରେ ପରିବର୍ତ୍ତନ ସୃଷ୍ଟି କରୁଛି । ଦେଶ ବିଶ୍ୱର ତୃତୀୟ ଅର୍ଥନୀତିସମୃଦ୍ଧ ରାଷ୍ଟ୍ର ଦିଗରେ ଗତି କରୁଛି । ମୁଦ୍ରା ଯୋଜନାରେ ବର୍ତ୍ତମାନ ସୁଦ୍ଧା ୩୦ ଲକ୍ଷ କୋଟି ଋଣ ପ୍ରଦାନ କରାଯାଇଛ ବୋଲି ପ୍ରଧାନମନ୍ତ୍ରୀ ଅଭିଭାଷଣରେ କହିଛନ୍ତି । ବିଗତ ବର୍ଷରେ ବିକଶିତ ଭାରତ ଯାତ୍ରାରେ ହୋଇଥିବା ଦ୍ରୁତ ପ୍ରଗତିକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସ୍ପଷ୍ଟଭାବରେ ତାଙ୍କ ଅଭିଭାଷଣରେ ଆଲୋକପାତ କରିଥିଲେ । ଭାରତ ବର୍ତ୍ତମାନ ସମୟରେ ଅନେକ ଦେଶ ସହ ଭବିଷ୍ୟତପାଇଁ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର କରୁଛି ।

***Voice (PM)*** :...........

ଗତ କିଛିଦିନରେ ବିଶ୍ୱର ୯ଟି ଦେଶ ସହ ଚୁକ୍ତି ସ୍ୱାକ୍ଷରିତ ହୋଇଛି ବୋଲି ପ୍ରଧାନମନ୍ତ୍ରୀ ରାଜ୍ୟସଭାରେ ସୂଚନା ଦେଇଛନ୍ତି ।

ଏହି ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ବିଭିନ୍ନ ରାଜନୈତିକ ଦଳର ସଦସ୍ୟ ଅଂଶଗ୍ରହଣ କରି ସେମାନଙ୍କର ମତ ଉପସ୍ଥାପନ କରିଛନ୍ତି। ଲୋକସଭାରେ ଆଜି ଧନ୍ୟବାଦ ପ୍ରସ୍ତାବ ବାଚନିକ ଭୋଟରେ ପାରିତ ହୋଇଛି।

*Desk*

# ପରୀକ୍ଷା ପେ ଚର୍ଚ୍ଚା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୦ଟାରେ ପରୀକ୍ଷା ପେ' ଚର୍ଚ୍ଚା ଆଲୋଚନାରେ ଛାତ୍ରଛାତ୍ରୀଙ୍କ ସହ ଭାବବିନିମୟ କରିବେ। ପରୀକ୍ଷା ପେ' ଚର୍ଚ୍ଚା କାର୍ଯ୍ୟକ୍ରମର ଏହା ହେବ ନବମ ସଂସ୍କରଣ। ପରୀକ୍ଷା ନେଇ ଛାତ୍ରଛାତ୍ରୀଙ୍କ ଉପରୁ ଚାପ ହ୍ରାସ କରିବା ଏବଂ ପରୀକ୍ଷାକୁ ଏକ ଉତ୍ସବ ଓ ଜୀବନର ଅଭିଚ୍ଛେଦ୍ୟ ଅଂଶ ଭାବେ ଗ୍ରହଣ କରିବା ଲକ୍ଷ୍ୟ ନେଇ ପ୍ରଧାନମନ୍ତ୍ରୀ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିବେ। ଚଳିତ ବର୍ଷ ଦେବମୋଗ୍ରା, କୋଏମ୍ବାଟୋର, ରାୟପୁର, ଗୁଆହାଟୀ ଏବଂ ଦିଲ୍ଲୀର ୭ ଲୋକକଲ୍ୟାଣ ମାର୍ଗରେ ପରୀକ୍ଷା ଯୋଦ୍ଧାଙ୍କ ସହିତ ମଧ୍ୟ ମତବିନିମୟ ଅଧିବେଶନ ଅନୁଷ୍ଠିତ ହେବ। ଶିକ୍ଷା ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ mygov. ପୋର୍ଟାଲ ମାଧ୍ୟମରେ ୪ କୋଟି ୫୦ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ଅଭିଭାବକ ଏହି କାର୍ଯ୍ୟକ୍ରମ ପାଇଁ ପଞ୍ଜୀକରଣ କରିଛନ୍ତି। ପରୀକ୍ଷା ପେ' ଚର୍ଚ୍ଚା କାର୍ଯ୍ୟକ୍ରମ' ଦୂରଦର୍ଶନ, ପ୍ରଧାନମନ୍ତ୍ରୀଙ୍କ ୟୁଟ୍ୟୁବ ଚ୍ୟାନେଲ, ଶିକ୍ଷା ମନ୍ତ୍ରଣାଳୟର ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମରେ ସିଧାସଳଖ ପ୍ରସାରଣ କରାଯିବ। ୱେବ୍‌ସ ଓଟିଟିଓ, ଆମାଜନ୍ ପ୍ରାଇମ ଭିଡିଓ, ଜିଓ, ଜି-ଫାଇଭ୍, ସୋନି ଲିଭ୍ ଏବଂ ସ୍ୱଟିପାଏ ଆଦି ବିଭିନ୍ନ ଓଟିଟି ପ୍ଲାଟଫର୍ମରେ ମଧ୍ୟ ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯିବ।

*Desk*

# ଲୋସସଭା - ମହାନଦୀ ଜଳବିବାଦ

ମହାନଦୀ ଜଳବିବାଦର ସମାଧାନପାଇଁ ଗଠିତ ଟ୍ରିବ୍ୟୁନାଲ୍‌ରେ ଅଦ୍ୟାବଧି ମୋଟ୍ ୪୯ଟି ଶୁଣାଣି ହୋଇସାରିଛି ବୋଲି ଆଜି ଲୋକସଭାରେ ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ ରାଜଭୂଷଣ ଚୌଧୁରୀ କହିଛନ୍ତି । ସାଂସଦ ପ୍ରଦୀପ ପୁରୋହିତଙ୍କ ଏସଂକ୍ରାନ୍ତ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ଉଭୟ ପଡ଼ୋଶୀ ରାଜ୍ୟ ଓଡ଼ିଶା ଏବଂ ଛତିଶଗଡ଼ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନପାଇଁ ସହମତି ପ୍ରକାଶ କରିଛନ୍ତି । ଜଳବିବାଦ ଟ୍ରିବ୍ୟୁନାଲ୍ ଗଠନପାଇଁ ଓଡ଼ିଶା ସରକାର ୨୦୧୬ ମସିହା ନଭେମ୍ବର ୧୯ ତାରିଖରେ ଆନ୍ତଃ ରାଜ୍ୟ ନଦୀ ଜଳବିବାଦ ଆଇନ, ୧୯୬୫ର ଧାରା ୩ ଅନୁଯାୟୀ କେନ୍ଦ୍ର ସରକାରଙ୍କ ନିକଟରେ ଅଭିଯୋଗ ଦାଖଲ କରିଥିଲେ । କେନ୍ଦ୍ର ସରକାର ଗେଜେଟ୍ ବିଜ୍ଞପ୍ତି ମାଧ୍ୟମରେ ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲ୍ ଗଠନ କରିଥିଲେ ଏବଂ ଏହି ପ୍ରସଙ୍ଗକୁ ବିଚାରପାଇଁ ଟ୍ରିବ୍ୟୁନାଲ୍‌କୁ ପଠାଇଥିଲେ ।

*Desk*

# ରାଜସ୍ୱ ସେବା - ହ୍ୱାଟ୍‌ସଆପ୍

ରାଜସ୍ୱ ସେବା ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ, ସହଜ ଓ ପ୍ରଯୁକ୍ତିବିଦ୍ୟା ଆଧାରିତ କରିବାପାଇଁ ସରକାର ବ୍ୟାପକ ସଂସ୍କାରଆଣିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ

ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱର ଲୋକସେବା ଭବନଠାରେ ଆଜି ଆଭାସୀ ମାଧ୍ୟମରେ ୫୭ଟି ଉପନିବନ୍ଧକ କାର୍ଯ୍ୟାଳୟ ଏବଂ ଆମ ସାକ୍ଷୀ ୟୁନିଫାଏଡ୍ ହ୍ୱାସ୍‌ସଆପ୍ ବଟ୍ ମାଧ୍ୟମରେ ବିଭିନ୍ନ ନାଗରିକକୈନ୍ଦ୍ରିକ ସେବାର ଲୋକାର୍ପଣ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଦକ୍ଷତା ଓ ସ୍ୱଚ୍ଛତାକୁ ଉନ୍ନତ କରିବାପାଇଁ ଗତବର୍ଷ ପଞ୍ଜୀକରଣ ସେବାରେ ବ୍ୟାପକ ସଂସ୍କାର କରାଯାଇଛି । ଆମ ସାକ୍ଷୀ ଆପ୍‌ରେ ଜାତି, ଉତ୍ତରାଧିକାରୀ, ବାସସ୍ଥାନ ପ୍ରମାଣପତ୍ର ଓ ମ୍ୟୁଟେସନ୍ ଓ କନ୍‌ଭର୍ସନ୍ ମାମଲା ପରି ୧୧ଟି ଗୁରୁତ୍ୱପୂର୍ଣ୍ଣ ରାଜସ୍ୱ ସେବାକୁ ସାମିଲ୍ କରାଯାଇଛି । ସମସ୍ତ ତହସିଲ୍‌ରେ ଜମିପଟାରେ ଉତ୍ତରାଧିକାରୀ ପରିବର୍ତ୍ତନପାଇଁ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି । ଆଇନଗତ ଉତ୍ତରାଧିକାରୀଙ୍କ ସପକ୍ଷରେ ଜମିଜମା ରେକର୍ଡ଼ ଅଦ୍ୟତନ କାର୍ଯ୍ୟ ସହ ଚାଷୀମାନେ ଏହାଦ୍ୱାରା ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ ପାଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ରାଜ୍ୟର ସମସ୍ତ ୩୧୭ଟି ତହସିଲ୍‌ରେ ଉପନିବନ୍ଧକ କାର୍ଯ୍ୟାଳୟ ସ୍ଥାପନ କରିବା ଲକ୍ଷ୍ୟ ସମ୍ପନ୍ନ ହୋଇଛି । ଶେଷ ପର୍ଯ୍ୟାୟରେ ୫୬ଟି ତହସିଲ୍ ଓ କଟକରେ ଏକ ଅତିରିକ୍ତ କାର୍ଯ୍ୟାଳୟକୁ ମିଶାଇ ୫୭ଟି କାର୍ଯ୍ୟାଳୟର ଶୁଭାରମ୍ଭ କରାଯାଇଛି । ଏହି ପଦକ୍ଷେପ ଏକ ପ୍ରଶାସନିକ ସଂସ୍କାର ନୁହେଁ; ବରଂ ସାଧାରଣ ଜନତାଙ୍କ ଭରସାକୁ ମଜବୁତ୍ କରିବା ସହ ବିକଶିତ ଓଡ଼ିଶା ଗଠନରେ ସହାୟକ ହେବ ।

*Desk*

## ନ୍ୟାସନାଲ ଡିଫେନ୍ସ କଲେଜ

ଅଧ୍ୟୟନ ପରିଦର୍ଶନ କାର୍ଯ୍ୟକ୍ରମରେ ଓଡ଼ିଶା ଆସିଥିବ ଦିଲ୍ଲୀସ୍ଥିତ ନ୍ୟାସନାଲ୍ ଡିଫେନ୍ସ କଲେଜର ପ୍ରଶିକ୍ଷାର୍ଥୀ ଅଧିକାରୀଗଣ ଆଜି ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ୍ କରିଛନ୍ତି । ଦେଶର ଅର୍ଥ ହେଉଛି କେବଳ ଜାତୀୟ ସେବା ଏବଂ ପ୍ରତ୍ୟେକ ସାମରିକ ଅଧିକାରୀଙ୍କ ଭାବାବେଗ ସହ ଏହି ମନୋଭାବ ଗଭୀରଭାବେ ଜଡ଼ିତ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହି ଅବସରରେ ଶ୍ରୀ ମାଝୀ ପ୍ରାଚୀନ ଓଡ଼ିଶାର ବୀରତ୍ୱ ଓ ପରାକ୍ରମ ଉପରେ ଆଲୋକପାତ କରିବା ସହ ଶିଳ୍ପ, ଭିତ୍ତିଭୂମି, ଶିକ୍ଷା, କ୍ରୀଡ଼ା ଏବଂ ବିପର୍ଯ୍ୟୟ ପରିଚାଳନାରେ ରାଜ୍ୟର ନୂତନ ଉପଲବ୍ଧି ଉପରେ ବର୍ଣ୍ଣନା କରିଥିଲେ । କାର୍ଯ୍ୟକ୍ରମରେ ଏୟାର୍ ମାର୍ଶାଲ୍ ମନୀଷ କୁମାର ଗୁପ୍ତା, ମେଜେର ଜେନେରାଲ୍ ସି.ପି. ସାଙ୍ଗ୍ରା ପ୍ରମୁଖ ଉପସ୍ଥିତ ଥିଲେ ।

*Bolangir/R*

## ବାର୍ଷିକ ଉତ୍ସବ

୨୦୩୬ ବିକଶିତ ଓଡ଼ିଶା ଏବଂ ଶହେବର୍ଷ ପୂର୍ତ୍ତି ବିକଶିତ ଭାରତ ଗଠନ କରିବାରେ ଛାତ୍ରଛାତ୍ରୀଙ୍କ ମୁଖ୍ୟ ଭୂମିକା ରହିଛି ବୋଲି ଉପମୁଖ୍ୟମନ୍ତ୍ରୀ

କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି । ବଲାଙ୍ଗିର ଜିଲ୍ଲା ପାଟଣେଶ୍ୱରୀ ଡିଗ୍ରୀ ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ସିଂହଦେଓ କହିଛନ୍ତି, ବୈଷୟିକ ଜ୍ଞାନକୌଶଳ ବ୍ୟବହାର କରି ଶିକ୍ଷାର୍ଥୀମାନେ ସଫଳତା ପାଇପାରିବେ ।

***Desk***

## ଆଦିବାସୀ ମେଳା

ଭୁବନେଶ୍ୱର ୟୁନିଟ୍-ଓ୍ୱାନ୍ ଆଦିବାସୀ ପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ଆଦିବାସୀ ମେଳାର ଆଜି ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହେଉଛି । କାର୍ଯ୍ୟକ୍ରମରେ ଅନୁସୂଚିତ ଜନଜାତି, ଜାତି ଉନ୍ନୟନ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇଛନ୍ତି ।

***Cuttack/R***

## ନିଯୁକ୍ତିମେଳା

କଟକ ବାଲିଯାତ୍ରା ତଳପଡ଼ିଆରେ ଆସନ୍ତା ରବିବାର ଦିନ ଜିଲ୍ଲାସ୍ତରୀୟ ନିଯୁକ୍ତିମେଳା ଅନୁଷ୍ଠିତ ହେବ । ସକାଳ ସାଢ଼େ ୧୦ଟାରୁ ଆରମ୍ଭ ହୋଇ

ଅପରାହ୍ଣ ୩ଟା ପର୍ଯ୍ୟନ୍ତ ଚାଲିବ । ଏହି ନିଯୁକ୍ତିମେଳାରେ ଜିଲ୍ଲାର ୧୪ଟି ବ୍ଲକ୍‌ର ପଞ୍ଚମ ଶ୍ରେଣୀଠାରୁ ଯୁକ୍ତ ୩ ପାସ୍ କରିଥିବା ଛାତ୍ରଛାତ୍ରୀ, ଆଇ.ଟି.ଆଇ. ଓ ଡିପ୍ଲୋମା ପାଠ୍ୟକ୍ରମ ଶେଷ କରିଥିବା ୧୮ରୁ ୩୫ ବର୍ଷ ବୟସ୍କ ଯୁବକ ଯୁବତୀ ଅଂଶଗ୍ରହଣ କରିପାରିବେ ।

***Desk***

# ଘରଗଣନା

କଟକ ଜିଲ୍ଲାରେ ଆସନ୍ତା ୧୫ ତାରିଖରୁ ଘରଗଣନା କାର୍ଯ୍ୟ ଆରମ୍ଭ ହେବ ବୋଲି ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓସାହେବ ସିନ୍ଧେ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟ ଏପ୍ରିଲ୍ ୧୫ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ଘରଗଣନା ଶେଷ ହେବା ପରେ ଜନଗଣନା କାର୍ଯ୍ୟ ଆରମ୍ଭ ହେବ । ଡିଜିଟାଲ୍ ପ୍ରକ୍ରିୟାରେ ଜନଗଣନା କାର୍ଯ୍ୟ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଶ୍ରୀ ସିନ୍ଧେ କହିଛନ୍ତି ।

***Nayagarh/R***

# ଜନଗଣନା - ସମୀକ୍ଷା ଓ ତାଲିମ

ନୟାଗଡ଼ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଆଜି ଜିଲ୍ଲାସ୍ତରୀୟ ଜନଗଣନା ଅଧିକାରୀଙ୍କ ସମୀକ୍ଷା ଓ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଆସନ୍ତା ଏପ୍ରିଲ୍ ୧୬ ତାରିଖରୁ ଆରମ୍ଭ ହେବାକୁ ଥିବା ପ୍ରଥମ

ପର୍ଯ୍ୟାୟ ଜନଗଣନାକୁ ସୁଚାରୁରୂପେ ସମ୍ପନ୍ନ କରିବାପାଇଁ ଜିଲ୍ଲାପାଳ ମଧୁମିତା ରଥ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

*Desk*

## ଉତ୍କର୍ଷ ଆଇ.ଟି.ଆଇ. ଯୋଜନା

ରାଜ୍ୟରେ ଯୁବକଙ୍କ ଦକ୍ଷତା ବିକାଶକୁ ଅଗ୍ରାଧିକାର ଦେଇ କାର୍ଯ୍ୟ କରିବା ଲକ୍ଷ୍ୟ ନେଇ ୫ଟି ସରକାରୀ ଆଇ.ଟି.ଆଇ.କୁ ଉତ୍କର୍ଷ ଆଇ.ଟି.ଆଇ. ଯୋଜନାରେ ସାମିଲ୍ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି । ରାଉରକେଲା, ବଲାଙ୍ଗିର, ଅମ୍ବାଗୁଡ଼ା, ପୁରୀ ଓ ରାଜକନିକା ଆଇ.ଟି.ଆଇ.କୁ ଏହି ଯୋଜନାରେ ସାମିଲ୍ କରାଯିବ । ଉତ୍କର୍ଷ ଆଇ.ଟି.ଆଇ. ଯୋଜନାରେ ଭିତ୍ତିଭୂମିର ଆଧୁନିକୀକରଣ କରାଯିବ । ପ୍ରତି ମାସରେ ଦ୍ୱିତୀୟ ମଙ୍ଗଳବାରରେ ସମୀକ୍ଷା ବୈଠକ କରିବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି । ଉପସ୍ଥାନ, ଭିତ୍ତିଭୂମି, ନିଯୁକ୍ତି ସୁବିଧା, ପରିଚାଳନା ଆଦି ବିଭିନ୍ନ ପ୍ରସଙ୍ଗ ନେଇ ସମୀକ୍ଷା କରାଯିବ ବୋଲି ସରକାରୀ ଆଇ.ଟି.ଆଇ. ଅଧ୍ୟକ୍ଷଙ୍କୁ ବୈଷୟିକ ଶିକ୍ଷା ବିଭାଗ ନିର୍ଦ୍ଦେଶ ଦେଇଛି ।

*Rayagada/R*

## ସମ୍ପୂର୍ଣ୍ଣତା ଅଭିଯାନ

ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ୍‌ରେ ସମ୍ପୂର୍ଣ୍ଣତା ଅଭିଯାନ-୨.୦ ଉଦ୍‌ଘାଟିତ ହୋଇଯାଇଛି । ପଛୁଆ ବ୍ଲକ୍ ଭାବେ ପରିଚିତ ମୁନିଗୁଡ଼ା ଓ ପଦ୍ମପୁରକୁ କେନ୍ଦ୍ର ସରକାରଦ୍ୱାରା ଆରମ୍ଭ କରାଯାଇଥିବା ଏହି ଅଭିଯାନରେ ସାମିଲ୍ କରାଯାଇଛି ।

*Boudh/R*

## ପି.ଏମ୍.ଶ୍ରୀ ଉତ୍ସବ

ବୌଦ୍ଧଠାରେ ଜିଲ୍ଲାସ୍ତରୀୟ ପି.ଏମ୍.ଶ୍ରୀ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି । ଛାତ୍ରଛାତ୍ରୀମାନେ ହେଉଛନ୍ତି ଦେଶର ଭବିଷ୍ୟତ ଏବଂ ଶିକ୍ଷକସମାଜ ତଥା ଅଭିଭାବକମାନେ ସେମାନଙ୍କର ମାର୍ଗଦର୍ଶକ ବୋଲି ବିଧାୟକ ସରୋଜ କୁମାର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଛନ୍ତି ।

*Boudh/R*

# ବାବା କପ୍ ଫୁଟ୍‌ବଲ୍

ବୌଦ୍ଧ ଜିଲ୍ଲା ସରସରା ହାଇସ୍କୁଲ୍ ପଡ଼ିଆଠାରେ ଚାଲିଥିବା ରାଜ୍ୟସ୍ତରୀୟ ବାବା କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ୍ ମ୍ୟାଚ୍‌ରେ ଭଞ୍ଜନଗର ଦଳ ବିଜୟୀ ହୋଇଛି । ନିର୍ଦ୍ଧାରିତ ସମୟ ମଧ୍ୟରେ ଟାଇବ୍ରେକର ଜରିଆରେ ଅନୁଗୁଳ ଦଳକୁ ୪-୧ ଗୋଲ୍‌ରେ ପରାସ୍ତ କରି ଭଞ୍ଜନଗର ଦଳ ଫାଇନାଲ୍‌କୁ ଉନ୍ନୀତ ହୋଇଛି ।

******